# ପାଠ-୮-ପ୍ରବନ୍ଧ : ସଭ୍ୟତା ଓ ବିଜ୍ଞାନ

## ଲେଖକ- ବଂଶୀଧର ସାମନ୍ତରାୟ

## ଶ୍ରେଣୀ – ଦଶମ

## ତୃତୀୟ ଦିନ

**General Objectives –** (ସାଧାରଣ ଆଭିମୁଖ୍ୟ) – ପ୍ରାଚୀନ ସଭ୍ୟତା ବିକଶିତ ହୋଇ ବିଜ୍ଞାନ ବଳରେ ଆଜି ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଛି । ସୁତରାଂ ସଭ୍ୟତା ଓ ବିଜ୍ଞାନ ପରସ୍ପର ଆଶ୍ରୟୀ ।

**Specific Objectives - ବିଶେଷ ଆଭିମୁଖ୍ୟ :**

ବିଭିନ୍ନ ଦେଶର ସଭ୍ୟତା ସଂପର୍କରେ ସମ୍ୟକ୍ ଜ୍ଞାନ ସହ ଭାରତୀୟ ସଭ୍ୟତାର ଆଦର୍ଶ ଓ ବୈଶିଷ୍ଟ୍ୟ ପ୍ରତିପାଦିତ ।

ବିଜ୍ଞାନର ବିଭିନ୍ନ ଦିଗ ଆଲୋଚିତ ।

ବିଜ୍ଞାନ ସମ୍ବନ୍ଧୀୟ ଅନେକ ତଥ୍ୟ ଜ୍ଞାତ ତଥା ବିଜ୍ଞାନକୁ ମଣିଷ କିପରି ଧ୍ୱଂସ ପଥରେ ନିୟୋଜିତ କରୁଛି ତାର ସମ୍ୟକ୍ ଧାରଣା ଦେବା ସହ ବ୍ୟାକରଣଗତ ଶବ୍ଦ, କ୍ଲିଷ୍ଟ ଶବ୍ଦ ତଥା ଅନେକ ନୂତନ ତଥ୍ୟ ସମ୍ବନ୍ଧରେ ଆଲୋଚନା ।

ODM EDUCATIONAL GROUP
Changing your Tomorrow

**ପୂର୍ବପାଠର ଆଲୋଚନା –**

୧. ଦୁଇଟି ପ୍ରାଚୀନ ସଭ୍ୟତାର ନାମ କୁହ ?

୨. ରୋମୀୟ ସଭ୍ୟତାର ଆଦର୍ଶ କ'ଣ ?

୩. ଭାରତୀୟ ସଭ୍ୟତାର ଆଦର୍ଶ କ'ଣ ?

୪. ନିଗ୍ରୋ କହିଲେ କ'ଣ ବୁଝ ?

୫. ଭାରତୀୟ ସଭ୍ୟତାର ବୈଶିଷ୍ଟ୍ୟ କ'ଣ ?

ODM EDUCATIONAL GROUP
Changing your Tomorrow

ଜଡ଼ବିଜ୍ଞାନ ଓ ଜୀବବିଜ୍ଞାନର ସଂଯୋଗରୁ ନାନା ବିଭାଗ ସୃଷ୍ଟି ହୋଇ ଅଶେଷ କଲ୍ୟାଣ ସାଧନ କରି ପାରିଛି । ଜୀବବିଜ୍ଞାନ ବିଷୟ ଦେଖାଯାଉ- ଜୀବବିଜ୍ଞାନ ଦୁଇ ଭାଗରେ ବିଭକ୍ତ, ପ୍ରାଣୀବିଜ୍ଞାନ (Zoology) ଏବଂ ଉଦ୍ଭିଦ ବିଜ୍ଞାନ (Botany) । ଏମାନଙ୍କ ଚର୍ଚ୍ଚାରୁ ପ୍ରାଣୀର ବିଭିନ୍ନ ଗଠନ, ପ୍ରକ୍ରିୟା ଓ କେଉଁ ଶକ୍ତିବଳରେ ସେମାନେ ଜୀବନର ଅଧିକାରୀ ହୋଇଅଛନ୍ତି, ତାହାର ସନ୍ଧାନ ମିଳିଥାଏ । ବିଭିନ୍ନ ପ୍ରଣାଳୀ ବିଶ୍ଳେଷଣ ଓ ସଂଶ୍ଳେଷଣ ବଳରେ ଜୀବନ୍ତ ବସ୍ତୁର ବିଭିନ୍ନ ସମସ୍ୟା ନିରୂପିତ ହେବାର ଉଦ୍‌ଯୋଗ ଚାଲିଛି ।

ODM EDUCATIONAL GROUP
Changing your Tomorrow

ବର୍ତ୍ତମାନ ବୈଜ୍ଞାନିକମାନେ ଜୀବନ୍ତ ପଦାର୍ଥର ସୃଷ୍ଟି କରିପାରି ନାହାନ୍ତି । ଯେତେଦୂର ଗବେଷଣା ହୋଇପାରିଛି, ସେଥିରୁ ଅନେକ ଚିନ୍ତାଶୀଳ ମନୀଷୀ ସ୍ଥିର କରିଅଛନ୍ତି ଯେ, ମାନବ ଦିନେ ଜୀବନ୍ତ ପଦାର୍ଥ ସୃଷ୍ଟି କରିବାରେ କ୍ଷମ ହୋଇପାରିବ । ମାତ୍ର ତାହା ବହୁ ଦୂର ଭବିଷ୍ୟତରେ କି ନିକଟରେ ହେବ, ତାହା କହିବାର ପ୍ରୟାସ ଧୃଷ୍ଟତାରୂପେ ପରିଗଣିତ ହେବ ।

ODM EDUCATIONAL GROUP
Changing your Tomorrow

ଆଣବିକ ଜୀବନ୍ତ ପଦାର୍ଥଠାରୁ ଆରମ୍ଭ କରି ବିଶାଳକାୟ-ହସ୍ତୀ, ତିମି ଓ ବଟବୃକ୍ଷପର୍ଯ୍ୟନ୍ତ ସମସ୍ତ ବିଶ୍ଳେଷଣ କରି ବିଭିନ୍ନ ପ୍ରକ୍ରିୟା ଓ ସମସ୍ୟା ସାଧନରେ ଅନେକ ପରିମାଣରେ ସଫଳମନୋରଥ ହୋଇ ପାରିଥାଇଁ (ଜଡ଼ ଓ ଜୀବବିଜ୍ଞାନର ସମ୍ମିଶ୍ରଣ ଓ ସହଯୋଗିତାରୁ ଆମ୍ଭେମାନେ ଶରୀରତତ୍ତ୍ୱ, ଆୟୁର୍ବେଦ (ଡାକ୍ତରୀ), ମନସ୍ତତ୍ତ୍ୱ, କୃଷିବିଜ୍ଞାନ, ପୃଥିବୀତତ୍ତ୍ୱ, ଜ୍ୟୋତିଷ ପ୍ରଭୃତି ନାନାବିଧ ଶାସ୍ତ୍ରବଳରେ ଆମ୍ଭମାନଙ୍କ ଜ୍ଞାନର ସୀମା ବିସ୍ତୃତ କରି ପାରିଥାଇଁ । ବିଭିନ୍ନ ବିଭାଗର ସାହାଯ୍ୟ ବଳରେ ଇଞ୍ଜିନିୟରିଙ୍ଗ୍ ପ୍ରଭୃତିରେ ପରାକାଷ୍ଠା ଲାଭ କରିଥାଇଁ ।

ବିଭିନ୍ନ ଜାତିର ...................................ଅବଲମ୍ବନ କରିଥାଉଁ ।
ଅନୁଚ୍ଛେଦ ଗୁଡିକର ଭାବାର୍ଥ ବୁଝାଯିବ ।

ସଭ୍ୟତା ଓ ବିଜ୍ଞାନର ସମନ୍ୱୟ ହିଁ ବିକାଶର ଚାବିକାଠି ।

ODM EDUCATIONAL GROUP
Changing your Tomorrow

ଶବ୍ଦାର୍ଥ :

ଗୃହସ୍ଥ – ସଂସାରୀ, ସଂଶ୍ଳିଷ୍ଟ – ଜଡ଼ିତ

ଆତ୍ମସଂଯମ – ନିଜକୁ ନିୟନ୍ତ୍ରଣରେ ରଖିବା

ଅଧୁନାତନ – ଆଜିକାଲିକା

ପରିବେଷ୍ଟିତ – ଆଚ୍ଛାଦିତ

ନିଦର୍ଶନ – ଦୃଷ୍ଟାନ୍ତ, ଉଦାହରଣ

ODM EDUCATIONAL GROUP
Changing your Tomorrow

ବ୍ୟାକରଣଗତ ଶବ୍ଦ - ପ୍ରତ୍ୟୟ – ଶାରୀରିକ – ଶରୀର + ଇକ,

ମାନସିକ = ମନସ୍ + ଇକ

ସନ୍ଦେହଦୂରୀକରଣ ।

ସନ୍ଧି –

ଅନ୍ୟାନ୍ୟ - ଅନ୍ୟ + ଅନ୍ୟ

ଅନ୍ତର୍ଗତ – ଅନ୍ତଃ + ଗତ

ସଂଯୋଗ – ସମ୍ + ଯୋଗ

ମନସ୍ତତ୍ତ୍ୱ – ମନଃ + ତତ୍ତ୍ୱ

ଆୟୁର୍ବେଦ - ଆୟୁଃ + ବେଦ

ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow